# ପାଠ-୫-କବିତା : ଜାଗବନ୍ଧନ ହରା

## କବି - ଅନନ୍ତ ପଟ୍ଟନାୟକ

## ଶ୍ରେଣୀ – ଦଶମ

## ପ୍ରଥମ ଦିନ

**General Objectives -** ସାଧାରଣ ଆଭିମୁଖ୍ୟ :

ଯୁବକମାନେ ହିଁ ସମାଜରେ ପରିବର୍ତ୍ତନର ବାର୍ତ୍ତାବହ ଏବଂ ସେମାନେ ଚାହିଁଲେ ଅସମ୍ଭବକୁ ସମ୍ଭବ କରିପାରିବେ ।

ପ୍ରାରମ୍ଭିକ ସୂଚନା ଏବଂ କବିତା ଉପସ୍ଥାପନା, କବିତା ପଠନ । କୁଇଜ୍ – ଓଡିଆ ସାହିତ୍ୟରେ ଯୁଗବିଭାଜନ

**Specific Objectives -** ବିଶେଷ ଆଭିମୁଖ୍ୟ :

ପ୍ରଗତିବାଦୀ ଯୁଗ ସଂପର୍କରେ ଧାରଣା ।

ନବଯୁଗ ସାହିତ୍ୟ ସଂସଦ ମାଧ୍ୟମରେ ଯୁବପିଢିକୁ ସ୍ୱାଧୀନତା ତଥା ନୂଆ ସକାଳ ଗଠନ କରିବାର ଉଦ୍‌ବୋଧନ ।

ସାମ୍ୟବାଦୀ ଚିନ୍ତାଧାରା ପ୍ରତିଫଳିତ ।

ନୂତନ ଶବ୍ଦ, ଶବ୍ଦାର୍ଥ ଏବଂ ବ୍ୟାକରଣଗତ ଶବ୍ଦ ସମୀକ୍ଷା ସହ ମାନବବାଦର ଜୟଗାନ କବିତାର ଅନ୍ତଃସ୍ୱର ।



କବି - ଅନନ୍ତ ପଟ୍ଟନାୟକ

**କୁଇଜ୍ ମାଧ୍ୟମରେ କବିତା ଉପସ୍ଥାପନା**

ଯୁଗବିଭାଜନ ସଂପର୍କରେ ସମ୍ୟକ୍ ସୂଚନା

୧. ମଣିଷ ଜୀବନରେ କେତୋଟି ଅବସ୍ଥା ଅଛି ?

୨. ଆଧୁନିକ ଯୁଗ ପରେ ଓଡିଆ ସାହିତ୍ୟରେ କେଉଁ ଯୁଗ ଆସିଥିଲା ?

୩. କବି ଅନନ୍ତ ପଟ୍ଟନାୟକ କେଉଁ ଯୁଗର କବି ଥିଲେ ?

୪. ପ୍ରଗତିବାଦୀ ଯୁଗର ଆଭିମୁଖ୍ୟ କ'ଣ ଥିଲା ?

୫. ସବୁଜ ଯୁଗର କବିମାନଙ୍କ ନାମ କ'ଣ ?

## Learning Outcome

▪ଈଶ୍ୱରଙ୍କ ସୃଷ୍ଟିରେ ପରିବର୍ତ୍ତନ ହିଁ ସମାଜରେ ନୂତନତା ଆଣିଥାଏ । ଏହି ଭାବ ଛାତ୍ରଛାତ୍ରୀମାନଙ୍କ ଭିତରେ ଜାଗ୍ରତ କରାଇବା ।

▪ତରୁଣ ବା ଯୁବଗୋଷ୍ଠୀ ଦେହରେ ସମାଜକୁ ପରିବର୍ତ୍ତନ କରିବାର ଶକ୍ତି ଅବ୍ୟାହତ ରହିଛି । ତାହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିସ୍ଫୁଟନ କରିବା ।

▪ଶୋଷଣ ଓ ପୀଡନମୁକ୍ତ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେବା ।

▪ଏକ ସୁସ୍ଥ, ସୁନ୍ଦର ସମାଜ ଗଠନରେ ଯୁବ ସମାଜର ଭୂମିକା ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେବା ।

ପରିବାରରେ ପିତାମାତାମାନଙ୍କର ମୋହ ଏବଂ ମମତାର ଅତୁଟ ବନ୍ଧନ ସଂପର୍କରେ ସଚେତନ କରାଇବା ।

**ପ୍ରାରମ୍ଭିକ ସୂଚନା ଏବଂ କବିତା ଉପସ୍ଥାପନା**

- ସବୁଜ ଏବଂ ପ୍ରଗତିବାଦୀ ଯୁଗ ସଂପର୍କରେ ଧାରଣା ।
- ନବଯୁଗ ସାହିତ୍ୟ ସଂସଦ – ବିଷୟରେ ଆଲୋଚନା ।
- କବିଙ୍କ ଜୀବନୀ ଏବଂ ସାହିତ୍ୟ ସୃଷ୍ଟି
- ଅବାନ୍ତର କବିତା ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ।

ODM EDUCATIONAL GROUP
Changing your Tomorrow

ଜୀବନ କୌଶଳ ଶିକ୍ଷା

* ଯୁବକମାନେ ହେଉଛନ୍ତି ଦେଶ-ଜାତିର ପ୍ରାଣ ପ୍ରତିଷ୍ଠାତା

* ସମସ୍ତ ଛାତ୍ରଛାତ୍ରୀ ଦେଶ ଓ ଜାତିର ସେବା କରିବା ପାଇଁ ଆହ୍ୱାନ

* ଏକ ସୁସ୍ଥ, ସୁନ୍ଦର, ଶୋଷଣହୀନ ସମାଜର ପ୍ରତିଷ୍ଠା ସମସ୍ତଙ୍କର କାମନା ହେବା ଉଚିତ୍ ।

ODM EDUCATIONAL GROUP
Changing your Tomorrow

କବି ଅନନ୍ତ ପଟ୍ଟନାୟକ

ଜନ୍ମ – ଖୋର୍ଦ୍ଧାଜିଲ୍ଲାର ଚଣାହାଟ

ସାମ୍ୟବାଦୀ ଚିନ୍ତାଧାରା ଦ୍ୱାରା ପରିଚାଳିତ

'ନବଯୁଗ ସାହିତ୍ୟ ସଂସଦ' ମାଧ୍ୟମରେ ତରୁଣ ଗୋଷ୍ଠୀକୁ ଆଗେଇ ଆସିବାକୁ ଉଦ୍‌ବୋଧନ ।

ଶ୍ରେଣୀହୀନ ଓ ଶୋଷଣମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ।

କାର୍ଲମାର୍କସଙ୍କ ସାମ୍ୟବାଦୀ ଚିନ୍ତାଧାରଣା ପ୍ରଦାନ ।

ODM EDUCATIONAL GROUP
Changing your Tomorrow

## କବିତାର ଭାବାର୍ଥ ଏବଂ ଆଭିମୁଖ୍ୟ ବିଶ୍ଳେଷଣ ।

ତରୁଣାବସ୍ଥା ମାନବର ଏକ ପ୍ରକୃଷ୍ଟ ଅବସ୍ଥା, ଯେଉଁ ଅବସ୍ଥାରେ ସେ ହୁଏ ଶକ୍ତି, ସାମର୍ଥ୍ୟ ଓ ସୌନ୍ଦର୍ଯ୍ୟର ପରିପୂର୍ଣ୍ଣ ଅଧିକାରୀ । ତା'ର ଅଧ୍ୟୟନ ତଥା ପ୍ରକୃତିଲବ୍ଧ ଜ୍ଞାନ ସେହି ଅବସ୍ଥାକୁ ପରିପୁଷ୍ଟ କରିବା ସହ ସେ ସମାଜର ମେରୁଦଣ୍ଡଭାବେ ହୁଏ ବିବେଚିତ । ସେହି ସମୟରେ ହିଁ ସେ ସମାଜକୁ ଦେଖିବାକୁ ଓ ଜାଣିବାକୁ ସମର୍ଥ ହୁଏ । ସମାଜରେ ପ୍ରଚଳିତ କଳୁଷିତ ପ୍ରଥା ତଥା ଦୂଷିତ ପରିବେଶକୁ ଦେଖି ତା'ର ହୃଦୟ ବିଦ୍ରୋହ କରିଉଠେ । ସେତେବେଳେ ତା'ର ଯୁବସୁଲଭ ଉଦ୍ଦାମତା ସମାଜର ବା ଶାସନର କୌଣସି ପ୍ରଚଳିତ ନିୟମକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ହୁଏନାହିଁ । ସେ ସକଳପ୍ରକାର ବନ୍ଧନରୁ ହୋଇଯାଏ ମୁକ୍ତ । ତେଣୁ କବି ସେହି ତରୁଣମାନଙ୍କୁ ବନ୍ଧନହରା ବୋଲି ସମ୍ବୋଧନ କରିଛନ୍ତି ଏବଂ ଏକ ଶୋଷଣମୁକ୍ତ ଶ୍ରେଣୀହୀନ ସମାଜ ଗଠନ ନିମନ୍ତେ ଜାଗି ଉଠିବାପାଇଁ ଆହ୍ୱାନ ଦେଇଛନ୍ତି ।

## ଗୃହକର୍ମ :

ପଠିତାଂଶଟିରୁ ୧୦ଟି ବସ୍ତୁନିଷ୍ଠ ପ୍ରଶ୍ନ ପ୍ରସ୍ତୁତ ।

# THANKING YOU

# ODM EDUCATIONAL GROUP